بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୨୮ ମାର୍ଚ୍ଚ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
# ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ପବିତ୍ର ରମଜାନ ମାସ ଶେଷ ହେବା ପରିପ୍ରେକ୍ଷୀରେ ହଜରତ ମସିହ ମଉଦ ଅ.ସଙ୍କ ଜ୍ଞାନ ବର୍ଦ୍ଧକ ନୀତିଶିକ୍ଷା ଆଲୋକରେ ଜମାଅତର ସଦସ୍ୟବୃନ୍ଦଙ୍କୁ ମହତ୍ତ୍ୱପୂର୍ଣ୍ଣ ଉପଦେଶ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଅଲ୍ଲାଃତାଲା ଆମମାନଙ୍କୁ ଶକ୍ତି ପ୍ରଦାନ କଲେ ଯେ, ଆମେମାନେ ପବିତ୍ର ରମଜାନ ମାସ ମଧ୍ୟ ଦେଇ ଅତିକ୍ରମ କଲେ । ତାଙ୍କର ଅଶେଷ କରୁଣା ଯେ, ସେ ଆମମମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ରୋଜା (ଉପବାସ) ରଖିବାକୁ ଶକ୍ତି ପ୍ରଦାନ କଲା । କିନ୍ତୁ ଏଥି ସହିତ ଆମମମାନଙ୍କୁ ଏଥିପ୍ରତି ମଧ୍ୟ ଧ୍ୟାନ ରଖିବା ଉଚିତ୍ ଯେ, କେବଳ ରମଜାନର ରୋଜା ରଖି ଭୋକିଲା ଶୋଷିଲା ରହିଗଲେ ଆମର ଉଦ୍ଦେଶ୍ୟ ପୂରଣ ହୋଇଯିବ ନାହିଁ । ବରଂ ଅଲ୍ଲାଃତାଲା ଆମମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି ଯେ, ତୁମକୁ ଆମ୍ଭର ନିଷ୍ଠାପର ଭକ୍ତ ହେବାର ଅଛି । ସୁତରାଂ ଯେଉଁ ଲୋକମାନଙ୍କୁ ଏହି ରମଜାନ ମାସରେ ଉପାସନା କରିବାର ସାମର୍ଥ୍ୟ ଲାଭ ହେଲା ଏବେ ସେମାନଙ୍କର କର୍ତ୍ତବ୍ୟ ଯେ, ସେମାନେ ସେହି ଅବଧିରେ ସମ୍ପାଦନ କରିଥିବା ସତ୍‌କର୍ମଗୁଡ଼ିକୁ ଆସନ୍ତାରେ ମଧ୍ୟ ଜାରି ରଖନ୍ତୁ । ଏଥିପାଇଁ ଦୁଆ କରିବା ସହିତ ଚେଷ୍ଟା ମଧ୍ୟ କରନ୍ତୁ ।

ଯେପରି ପବିତ୍ର ରମଜାନ ମାସ ଅତି ଗୁରୁତ୍ୱପୂର୍ଣ୍ଣ ଠିକ୍ ସେହିପରି ନମାଜ ଓ ଜୁମା (ପାଠ) କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏପରି ନୁହେଁ କି ରମଜାନର ଶେଷ ଜୁମା କଲ୍ୟାଣପ୍ରଦ ତ ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ ହୋଇଯିବା, **ନା ! ବରଂ ପ୍ରତ୍ୟେକ ଜୁମା ଅତି କଲ୍ୟାଣପ୍ରଦ ଓ ଗୁରୁତ୍ୱପୂର୍ଣ୍ଣ ।** ଚଳିତ ଯୁଗରେ ପରାକ୍ରମୀ ଅଲ୍ଲାଃତାଲା ଯୁଗାବତାର ହଜରତ ମସିହ ମଉଦ ଅ.ସଙ୍କୁ ପ୍ରେରଣ କଲେ ଏବଂ ଆମମାନଙ୍କ ତାଙ୍କୁ ସ୍ୱୀକାର କରିବାକୁ ଶକ୍ତି ମଧ୍ୟ ପ୍ରଦାନ କଲେ । ମହାଭାଗ ଆମମାନଙ୍କୁ ବୁଝାଇଦେଲେ ଯେ, କିପରି ଆମେ ଜଣେ ନୈଷ୍ଠିକ ବିଶ୍ୱାସକାରୀ ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ସମ୍ପ୍ରଦାୟର ଉତ୍ତମ ମୁସଲମାନ ହୋଇପାରିବା । ହୁଜୁରଅ.ସ ଏକ ଅବସରରେ କହିଲେ; ମୁଁ ଅନେକ ଥର ନିଜ ଜମାଅତକୁ ଉପଦେଶ ପୂର୍ବକ କହିଛି ଯେ, ତୁମେମାନେ କେବଳ ମୋର ବୈଅତ୍ କରିବା ଉପରେ ଭରସା କର ନାହିଁ, ବରଂ ଯେପର୍ଯ୍ୟନ୍ତ ଏହାର ବାସ୍ତବତାକୁ ବୁଝି ନାହଁ ସେପର୍ଯ୍ୟନ୍ତ ମୁକ୍ତି ଲାଭ ହେବ ନାହିଁ । ଯଦି ଚେଲା ସତ୍‌କର୍ମ କରୁ ନାହିଁ ତେବେ ପିର୍ (ମାର୍ଗଦର୍ଶକ)ଙ୍କର ପ୍ରତିଷ୍ଠା ଓ ଖ୍ୟାତି ତାହାକୁ କୌଣସି ସୁଫଳ ପ୍ରଦାନ କରି ନଥାଏ । ମହାଭାଗ ଆହୁରି କହିଲେ; ମୁଁ "କିସ୍ତି ନୁହ୍" ନାମକ ଏକ ପୁସ୍ତକ ରଚନା କରିଛି । ତାହାକୁ ବାରମ୍ବାର ଅଧ୍ୟୟନ କର, ଅଲ୍ଲାଃତାଲା ତ କୁହନ୍ତି; ସେହି ବ୍ୟକ୍ତି କୃତକାର୍ଯ୍ୟ ହୋଇଗଲା ଯେ ନିଜକୁ ପବିତ୍ର କରିନେଲା, ଯେବେ ତଦ୍‌ନୁରୂପ କାର୍ଯ୍ୟ କରିବ ତେବେଯାଇ ହିଁ ତୁମର ମଙ୍ଗଳ ହେବ । ସହସ୍ର ଚୋର, ବ୍ୟଭିଚାରୀ, କୁକର୍ମୀ, ମଦ୍ୟପ, ବଦମାସ୍ ଏହି ଦାବି କରିଥାନ୍ତି ଯେ, ଆମେ ନବୀଶିରୋମଣୀଙ୍କ ସମ୍ପ୍ରଦାୟର, କିନ୍ତୁ କ'ଣ ବାସ୍ତବରେ ସେମାନେ ମୁସଲମାନ ? କ'ଣ ସେମାନେ ଏହି ଅଧିକାର ରଖୁଛନ୍ତି ଯେ, ନିଜକୁ ନବୀଶିରୋମଣୀଙ୍କ ସମ୍ପ୍ରଦାୟର ବୋଲାଇ ପାରିବେ ? କଦାପି ନୁହେଁ । ହୁଜୁର ସ.ଅଙ୍କ ଅନୁଗାମୀ ସେ ଯିଏକି ପୁଣ୍ୟଶ୍ଲୋକଙ୍କ ପ୍ରଦତ୍ତ ଶିକ୍ଷାର ପାଳନ କରେ ।

ଦେଖ ହଜରତ ମସିହ ମଉଦଅ.ସ କହିଲେ; ଯଦି ଏହି ଜମାଅତରେ ଅନ୍ତର୍ଭୁକ୍ତ ହୋଇଛ ତେବେ ଏହାର ଶିକ୍ଷାନୁଯାୟୀ କାର୍ଯ୍ୟ କର । ଜମାଅତରେ ସାମିଲ ହେବା ପରେ ବିଭିନ୍ନ (କେତେକ ସମୟରେ) ଦୁଃଖକଷ୍ଟ ମଧ୍ୟ ସହ୍ୟ

କରିବାକୁ ପଡିଥାଏ । ଯଦି ଦୁଃଖକଷ୍ଟ ନ ପହଞ୍ଚେ ତେବେ ପୁଣ୍ୟ ଲାଭ ବା କିପରି ହେବ । ପବିତ୍ର ଅବତାର[ସ.ଅ] ମକ୍କା ସହରରେ ଦୀର୍ଘ ୧୩ବର୍ଷ ପର୍ଯ୍ୟନ୍ତ ବିଭିନ୍ନ କିସମର ନିର୍ଯ୍ୟାତନା ସହ୍ୟ କଲେ । ଆଉ ତୁମର ଧାରଣା ବି ନାହିଁ ଯେ, ସେହି କାଳରେ କିପରି ଅତ୍ୟାଚାର ଭୋଗ କରିବାକୁ ପଡୁଥିଲା । ସୁତରାଂ ସର୍ବଦା ମନେରଖନ୍ତୁ ଯେ, କଷ୍ଟ ତ ସହ୍ୟ କରିବାକୁ ପଡିଥାଏ । ଯେତେବେଳେ ସ୍ୱୟଂ ନବୀଶିରୋମଣୀଙ୍କୁ ଓ ସାହାବାମାନଙ୍କୁ ଦୁଃଖକଷ୍ଟ ବରଦାସ୍ତ କରିବାକୁ ପଡିଥିଲା ଅର୍ଥାତ୍ ସେମାନେ ତାହାର ସମ୍ମୁଖୀନ ହେଉଥିଲେ ସେତେବେଳେ ମହାଭାଗ ତାଙ୍କୁ ଧୈର୍ଯ୍ୟ ରକ୍ଷା କରିବାକୁ ଉପଦେଶ ଦେଉଥିଲେ । ତେବେ ତାହାର ପରିଣାମ କ'ଣ ଉଦ୍ଭୃତ ହେଲା ? ତାହାର ପରିଣାମ ଏହା ହିଁ ହେଲା ଯେ, ଶତ୍ରୁ ସର୍ବସ୍ୱାନ୍ତ ହୋଇ ବିନାଶ ହୋଇଗଲେ । ତୁମେମାନେ ଦେଖିବ ଯେ, ସେହି ଦୁର୍ବୃତ୍ତମାନେ ଆଉ ଦୃଶ୍ୟମାନ ହେଲେ ନାହିଁ । ଅଲ୍ଲାଃତାଲା ଏହି ନିଶ୍ଚୟ କରି ନେଇଛନ୍ତି ଯେ, ସେ ଏହି ଜମାଅତକୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରିଦେବେ, ସେମାନେ ତୁମମାନଙ୍କୁ ସଂଖ୍ୟାଲଘୁ ଦେଖି କଷ୍ଟ ଦେଇଥାନ୍ତି । କିନ୍ତୁ ଯେତେବେଳେ ଜମାଅତ ସଂସାରରେ ପରିବ୍ୟାପ୍ତ ହୋଇଯିବ ସେତେବେଳେ ସେମାନେ ସ୍ୱତଃ ନିରବ ହୋଇଯିବେ । ଏହା ହିଁ ଜଗତର ନିୟମ ଏବଂ ଇତିହାସରେ ଅବତାରଙ୍କ ଅନୁଗାମୀ ଦଳ ସହିତ ଏହିପରି ଘଟି ଥିବାର ଆମେ ପରିଲକ୍ଷିତ କରିଥାଉ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; **ଧୈର୍ଯ୍ୟ ଧାରଣ କରିବା ମଧ୍ୟ ଏକ ଉପାସନା...** ଆମ ଜମାଅତକୁ ଅଲ୍ଲାଃତାଲାଙ୍କ ଆଶିଷ ଓ ସମର୍ଥନ ହାସଲ ରହିଛି ଏବଂ ଦୁଃଖକଷ୍ଟ ସହ୍ୟ କରିବା ଦ୍ୱାରା ବିଶ୍ୱାସ ସୁଦୃଢ଼ ହୋଇଯାଏ । ଧୈର୍ଯ୍ୟ ପରି ଅନ୍ୟ କିଛି ନାହିଁ । ହଜରତ ମସିହ ମଉଦ[ଅ.ସ] ଧର୍ମନିଷ୍ଠ ପ୍ରସଙ୍ଗରେ ଉପଦେଶ ପୂର୍ବକ କୁହନ୍ତି; ଏହା ତ ଇତିହାସ ଦର୍ଶାଇଥାଏ ଯେ, ପ୍ରାରମ୍ଭରେ ଯେଉଁ ବ୍ୟକ୍ତି ନିଷ୍ଠାପର ମୁସଲମାନ ହୋଇଥାଏ ତାହାକୁ ଧୈର୍ଯ୍ୟବାନ ଓ ସଂଯମୀ ହେବାକୁ ପଡିଥାଏ । ଦେଖ ସାହାବାମାନଙ୍କ ଉପରେ ମଧ୍ୟ ଏପରି ଏକ କାଳ ଆସିଥିଲା... । ଯେତେବେଳେ ମନୁଷ୍ୟ ଧର୍ମପରାୟଣ ହୋଇଯାଏ ସେତେବେଳେ ଅଲ୍ଲାଃତାଲା ତାହା ପାଇଁ (କଲ୍ୟାଣର) ଦ୍ୱାର ଉନ୍ମୁକ୍ତ କରି ଦେଇଥାନ୍ତି । ସେଥିଅନ୍ତେ ମହାଭାଗ ଭକ୍ତର କର୍ତ୍ତବ୍ୟ ସମ୍ପାଦନ କରିବା ସଂକ୍ରାନ୍ତରେ କହିଲେ; ପରସ୍ପର ସହିତ ମିଳିମିଶି ବସ ଯେପରି ଭାବରେ ତୁମେ ପରସ୍ପରକୁ ସ୍ନେହ ଆଦର କରିବ ସେହିପରି ଐଶ୍ୱର୍ଯ୍ୟମୟ ପ୍ରଭୁ ତୁମକୁ ପ୍ରେମ କରିବେ । ଗୋଟିଏ ସ୍ଥାନରେ ହୁଜୁର[ଅ.ସ] ଉପଦେଶ ପୂର୍ବକ କହିଲେ; ଆମ ଜମାଅତ ପାଇଁ ଅନିବାର୍ଯ୍ୟ ଯେ ଏହି ମହାଦୁର୍ଦ୍ଦଶା ପୂର୍ଣ୍ଣ କାଳରେ ଚର୍ତୁପାର୍ଶ୍ୱରୁ ପଥଭ୍ରଷ୍ଟ, ଅମନୋଯୋଗ ଓ ଅପରାଧର ବାୟୁ ପ୍ରବାହିତ ହେଉଅଛି, ଅତଃ ଧର୍ମନିଷ୍ଠତା ଅବଲମ୍ବନ କର ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିର ଏହି ଅତ୍ୟାଧୁନିକ ଯୁଗରେ କେଉଁ ମାଧ୍ୟମ ବା ରହିଛି ଯାହାକି ମନୁଷ୍ୟକୁ ମନ୍ଦ ଓ ପାପରେ ଗ୍ରସିତ ହେବାକୁ ବ୍ୟବହାର କରାଯାଉ ନାହିଁ । ଏପରି କାଳରେ ଆମର କର୍ତ୍ତବ୍ୟ ଯେ, ଆମେ ସେ ସମସ୍ତ ପାପସକ୍ତ ମାର୍ଗରୁ ନିବୃତ୍ତ ରହିବା ପାଇଁ ପୂର୍ଣ୍ଣ ପ୍ରୟାସ କରିବା । ଅଧିକନ୍ତୁ କହିଲେ; ଧର୍ମନିଷ୍ଠତା ଏପରି ନୁହେଁ ଯେ, କହିଦେଲେ ହାସଲ ହୋଇଯିବ । ବରଂ ଶୈତାନ ଭ୍ରମିତ କରିଥାଏ ଓ ଧର୍ମନିଷ୍ଠମାନେ ଏହା ଜାଣନ୍ତି । ଏହି (ପରୀକ୍ଷା) ଦ୍ୱାରା ହିଁ ମନୁଷ୍ୟର ଦୁର୍ବଳତା ପ୍ରକାଶିତ ହୋଇଥାଏ । ସୁତରାଂ ଧର୍ମନିଷ୍ଠତା ଅବଲମ୍ବନକାରୀଙ୍କୁ ନିଜର ପ୍ରତ୍ୟେକ ପାଦ ଅତି ସତର୍କତାର ସହିତ ରଖିବାକୁ ପଡିଥାଏ । ଏହା ସେତେବେଳେ ସମ୍ଭବ ଯେତେବେଳେ ମନୁଷ୍ୟର ଦୃଢ଼ ବିଶ୍ୱାସ ରହିଥାଏ ଯେ, ସକଳ ଶକ୍ତିର ଉତ୍ସ ପରାକ୍ରମୀ ଅଲ୍ଲାଃତାଲା । ହୁଜୁର[ଅ.ସ] କହିଲେ; ଧର୍ମନିଷ୍ଠ ହେବା ପାଇଁ ଏହା ଅନିବାର୍ଯ୍ୟ ଯେ, ସାଧାରଣ ପ୍ରସଙ୍ଗ ଯେପରିକି ବ୍ୟଭିଚାର, ଚୋରୀ, ଅନ୍ୟର ଅଧିକାର ଆତ୍ମସାତ କରିବା, ଲୋକଦେଖାଣିଆ କାର୍ଯ୍ୟ, ଅନ୍ୟକୁ ହେୟ ଜ୍ଞାନ କରିବା, ଗର୍ବ, ଅହଂକାର ଓ କୃପଣତା ଆଦି ସମସ୍ତ ଖଳ ପ୍ରବୃତ୍ତିକୁ ବର୍ଜନ କରି ତାହା ମୁକାବିଲାରେ ଉତ୍ତମ ଗୁଣାବଳୀ ଆପଣାଇବାରେ ଉନ୍ନତି କରିବା । କିନ୍ତୁ ଏତିକି ଯଥେଷ୍ଟ ନୁହେଁ, ବରଂ ଏହା ଜରୁରୀ ଯେ ତାହା ମୁକାବିଲାରେ ଉତ୍ତମ ଆଚରଣ ଉତ୍ପନ୍ନ କରିବା ହିଁ ଅସଲ ଧର୍ମନିଷ୍ଠତା ।

ପୁଣ୍ୟ କାର୍ଯ୍ୟରେ ଆଗକୁ ବଢିବା ନିମନ୍ତେ ଯେଉଁ ସବୁ ଜିନିଷ ଆବଶ୍ୟକ ସେଗୁଡ଼ିକ ମଧ୍ୟରେ ଲୋକମାନଙ୍କ ସହିତ ଶାଳୀନତା ପୂର୍ବକ ଆଚରଣ କରିବା, ସଦାଚାରୀ ହେବା, ସହାନୁଭୂତି କରିବା ଏବଂ ଅଲ୍ଲାଃତାଲାଙ୍କ ସହିତ ନିଷ୍ଠା ଓ ବିଶ୍ୱସ୍ତତା ପ୍ରଦର୍ଶନ କରିବା ଦ୍ୱାରା ହିଁ ଜଣେ ବ୍ୟକ୍ତି ଧର୍ମନିଷ୍ଠ ହୋଇଥାଏ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏପରି

ଲୋକମାନଙ୍କର ପରମେଶ୍ୱର ସ୍ୱୟଂ ଅଭିଭାବକ ହୋଇଯାନ୍ତି । କାରଣ ଅଲ୍ଲାଃତାଲା କହିଛନ୍ତି; ସେମାନଙ୍କର କୌଣସି ଭୟ ରହିବ ନାହିଁ ଏବଂ ନା ସେମାନେ ଦୁଃଖିତ ହେବେ । ଆଉ ଏକସ୍ଥାନରେ କହିଛନ୍ତି; ଆମ୍ଭେ ପୁଣ୍ୟବାନମାନଙ୍କର ହିଁ ପ୍ରତିପାଳକ ହୋଇଥାଉ । ହୁଜୁର[ଅ.ସ] କୁହନ୍ତି; ନିଜ ହୃଦୟରେ ପ୍ରଭୁଙ୍କର ପ୍ରେମ ଓ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖ ଏବଂ ଏଥିପାଇଁ ନମାଜ ଠାରୁ ବଳି ଅନ୍ୟ କୌଣସି ଉପାୟ ନାହିଁ । ଅସଲ କଥା ଏହିକି ଯେ, ଅଲ୍ଲାଃତାଲାଙ୍କ ସମକ୍ଷ ନିଜ ସତ୍‌କର୍ମ ଉପସ୍ଥାପନ କରାଯାଉ ଓ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କର, **ଏଥିପାଇଁ ସବୋର୍ତ୍ତମ ପଦ୍ଧତି ହେଉଛି ନମାଜ ।** ଦେଖ ଆମେ ପବିତ୍ର ରମଜାନ ମାସ ମଧ ଦେଇ ଅତିକ୍ରମ କଲେ, ନମାଜ ଓ ଉପାସନା କରି ବାହାରିଲେ, ସତ୍‌କର୍ମ ସମ୍ପାଦନ କଲେ ଏବେ ସେଗୁଡ଼ିକୁ ରମଜାନ ପରେ ଅବ୍ୟାହତ ରଖିବା ଅଲ୍ଲାଃତାଲାଙ୍କ ଅନୁକମ୍ପାକୁ ଆକର୍ଷିତ କରିବାର ମାଧ୍ୟମ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ରୋଜା ତ ବର୍ଷକ ପରେ ଆସିଥାଏ, ଜକାତ୍ ଦେବା ବି କେବଳ ସାମର୍ଥ୍ୟ ରଖୁଥିବା ବ୍ୟକ୍ତି ପାଇଁ ଅନିବାର୍ଯ୍ୟ କରାଯାଇଛି, ଏସବୁ ଏକ ପୁଣ୍ୟ କିନ୍ତୁ ନମାଜ ପ୍ରତ୍ୟେକ ବ୍ୟକ୍ତିକୁ ପାଞ୍ଚବେଳା ପାଠ କରିବାକୁ ପଡିଥାଏ । ତାହାକୁ କଦାପି ନଷ୍ଟ ହେବାକୁ (ଅର୍ଥାତ୍ ହାତରୁ ଖସିଯିବାକୁ) ଦିଅନାହିଁ । ତାହାକୁ ସର୍ବଦା ଓ ଏପରି ଭାବେ ପାଠ କର ଯେ, ମୁଁ ଏପରି ପରମ ଶକ୍ତିଶାଳୀ ସତ୍ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ଯେ, ଯଦି ସେ ଇଚ୍ଛା କରନ୍ତି ତେବେ ସଙ୍ଗେସଙ୍ଗେ (ଦୁଆ) ଗ୍ରହଣ କରିନେବେ ।

ହୁଜୁର[ଅ.ସ] କହିଲେ; ଆମ ଜମାଅତକୁ ଏହାର ହିଁ ଆବଶ୍ୟକତା ରହିଛି । ସେମାନଙ୍କ ବିଶ୍ୱାସ ଅଭିବୃଦ୍ଧି ଘଟୁ, ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ଆସ୍ଥା ସ୍ଥାପନ କରନ୍ତୁ । ସତ୍‌କର୍ମ କରିବାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରନ୍ତୁ ନାହିଁ, କାରଣ ଆଳସ୍ୟ ପଣିଆ ଉତ୍ପନ୍ନ ହୋଇଗଲେ ଓଜୁ କରିବା ମଧ କଷ୍ଟସାଧ ହୋଇଥାଏ । ଏହା ପରିବର୍ତ୍ତେ କି ସେହି ବ୍ୟକ୍ତି ତହଜୁଦ୍ ନମାଜ ପାଠ କରିବ । ଯଦି ସତ୍‌କର୍ମର ଅଭ୍ୟାସ ନପଡ଼େ ଓ ସତ୍‌କର୍ମ କରିବାରେ ପରସ୍ପର ଠାରୁ ଆଗକୁ ବଢ଼ିଯିବାର (ପ୍ରତିଦ୍ୱନ୍ଦିତା) ଭାବ ଜାଗ୍ରତ ନହୁଏ ତେବେ ଆମ ସହିତ ସମ୍ପର୍କ ସ୍ଥାପନ କରିବା ବ୍ୟର୍ଥ । ହୁଜୁର[ଅ.ସ] ଆହୁରି କହିଲେ; ଆମ ଜମାଅତରେ ତ କେବଳ ସେହି ବ୍ୟକ୍ତି ସାମିଲ ହୋଇଥାଏ ଯେ ଆମ ଶିକ୍ଷାନୁଯାୟୀ ପାଳନ କରିଥାଏ । ନିଜ ସାହସ ଓ ପ୍ରୟାସ ଦ୍ୱାରା କାର୍ଯ୍ୟାନୁସରଣ କରିଥାଏ । କିନ୍ତୁ ଯେଉଁ ବ୍ୟକ୍ତି କେବଳ (ଅହେମଦି ହେବାର) ନାମ ରଖି ଚାଲିଯାଏ ଓ ଶିକ୍ଷାନୁଯାୟୀ ପାଳନ କରେ ନାହିଁ, ସେ ସ୍ମରଣ ରଖୁ ଯେ ଅଲ୍ଲାଃତାଲା ଏହି ଜମାଅତକୁ ଏକ ବିଶେଷ ଜମାଅତ କରିବାକୁ ସ୍ଥିର କରିଛନ୍ତି । କୌଣସି ବ୍ୟକ୍ତି କେବଳ ନାମ ଲେଖାଇ ନେଲେ ଜମାଅତର ହୋଇଯିବ ନାହିଁ । ତେଣୁକରି ଯେପର୍ଯ୍ୟନ୍ତ ସମ୍ଭବ ନିଜ ଆଚରଣକୁ ସେହି ଶିକ୍ଷାନୁଯାୟୀ କରିନିଅ, ଯାହାକି ପ୍ରଦାନ କରାଯାଉଅଛି । ମହାଭାଗ କହିଲେ; କର୍ମ ହେଉଛି ପର ସଦୃଶ, ବିନା କର୍ମରେ ମନୁଷ୍ୟ ଆଧାତ୍ମିକ ସ୍ତର ଆଡ଼କୁ ଉଡ଼ିପାରି ନଥାଏ । ଅଲ୍ଲାଃଙ୍କୁ ପ୍ରେମ କରିବାର ଅର୍ଥ କ'ଣ ? ହୁଜୁର[ଅ.ସ] କହିଲେ; ଏହାର ଯଥାର୍ଥ ନିଜ ପିତାମାତା, ସ୍ତ୍ରୀପିଲା ଓ ନିଜର ଏପରିକି ପ୍ରତ୍ୟେକ ବସ୍ତୁ ତୁଳନାରେ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବାକୁ ପ୍ରାଧାନ୍ୟ ଦେବା । ଏଥି ସକାଶେ ପବିତ୍ର କୁରଆନରେ ଅଲ୍ଲାଃତାଲା କହିଛନ୍ତି; **ଆମ୍ଭକୁ ଏପରି ସ୍ମରଣ କର ଯେପରି ତୁମେ ନିଜ ପିତୃପିତାମହଙ୍କୁ ସ୍ମରଣ କରୁଛ, ବରଂ ତା'ଠାରୁ ମଧ ଅଧିକ ସ୍ମରଣ କର ।**

ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଏହି ରମଜାନରେ ଯେଉଁସ୍ଥଳେ ଉତ୍ତମ ଆଚରଣ ଓ ଉପାସନା (ସମ୍ପନ୍ନ କରିବା) ପ୍ରତି ମନୋଯୋଗ କରିଥାଅ । ତେବେ ଏହି ବିଶେଷ ଧ୍ୟାନ କେନ୍ଦ୍ରିତ କରିବାକୁ ବର୍ଷ ସାରା ଜାରି ରହିବା ଉଚିତ୍ । **ଯେପରି ଏହି ପ୍ରଚେଷ୍ଟା ରମଜାନ ଶେଷ ହେବା ସହିତ ପାସୋରି ଯିବ ନାହିଁ, ବରଂ ବର୍ଷ ସାରା ଜାରି ରହିବା ଉଚିତ୍ ।** ଯେତେବେଳେ ଏହି ପ୍ରଚେଷ୍ଟା ଜାରି ରହିବ ତେବେଯାଇ ଆମେ ସେହି ଲକ୍ଷ ପ୍ରାପ୍ତି କରିପାରିବା । ଯାହାକି ଆମ ଜନ୍ମ ଲାଭ କରିବାର ଅସଲ ଉଦ୍ଦେଶ୍ୟ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଯଦି ସଂସାରୀଙ୍କ ପରି ହୋଇ ରହିଯିବ ତେବେ କିଛି ଲାଭ ହେବ ନାହିଁ । ତୁମେମାନେ ମୋ ହସ୍ତରେ କ୍ଷମା ଯାଚନା କରିଛ, ମୋ ହସ୍ତରେ କ୍ଷମା ଯାଚନା କରିବା ଏକ ମୃତ୍ୟୁ ଆବଶ୍ୟକ କରୁଛି । ଯଦ୍ୱାରା ତୁମେ ନୂତନ ଜୀବନ ଲାଭ କରିବ । ଯଦି ବୈଅତ୍ ସହୃଦୟରୁ କରି ନାହଁ ତେବେ ତାହାର ପରିଣାମ ନିଷ୍ଫଳ ରହିବ । ମୋ (ହସ୍ତରେ) ବୈଅତ୍ କରିବା ହୃଦୟର ସାକ୍ଷ୍ୟ ଲୋଡିଥାଏ । ଅତଃ

ଯେ କେହି ପବିତ୍ର ହୃଦୟର ସହିତ ସ୍ୱୀକାର କରିବ, ନିଜ ଅପକର୍ମରୁ କ୍ଷମା ପ୍ରାର୍ଥନା କରିବ ତେବେ ଅଶେଷ ଦୟାବାନ ପ୍ରଭୁ ତାହାର ଦୋଷ ନିଶ୍ଚିତ ରୂପେ କ୍ଷମା କରିଦେବେ । **ଆଉ ସେ ଏପରି ହୋଇଯିବ ଯେମିତି ଏକ ନବଜାତ ଶିଶୁ ।** ସେତେବେଳେ ଦେବଦୂତମାନେ ତାହାର ସୁରକ୍ଷା କରିଥାନ୍ତି । ଯଦି ଗୋଟିଏ ଗ୍ରାମରେ ମାତ୍ର ଜଣେ ପୁଣ୍ୟବାନ ବ୍ୟକ୍ତି ରହିଥାଏ ତେବେ ପରମେଶ୍ୱର ତାହା ଯୋଗୁଁ ସମଗ୍ର ଗ୍ରାମବାସୀଙ୍କୁ ରକ୍ଷା କରି ନେଇଥାନ୍ତି । କିନ୍ତୁ ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ଓ ବିପତ୍ତି ଆସେ ସେତେବେଳେ ତାହାର ପ୍ରଭାବ ସମସ୍ତଙ୍କ ଉପରେ ପଡିଥାଏ, ତଥାପି ସେ ନିଜ ଭକ୍ତମାନଙ୍କୁ କୌଣସି ନା କୌଣସି ପ୍ରକାରରେ ରକ୍ଷା କରି ନେଇଥାନ୍ତି ।

ଖୁତ୍‌ବାର ଶେଷ ପର୍ଯ୍ୟାୟରେ ମହାମାନ୍ୟ ହୁଜୁର ଅନୱର[ଅ.ବ] କହିଲେ; ସୁତରାଂ ଆଜିକାଲି ସଂସାରର ଯେପରି ଉତ୍କଟ ପରିସ୍ଥିତି ରହିଛି, ଆମମାନଙ୍କୁ ବିଶେଷ ଭାବରେ ଯେଉଁସ୍ଥଳେ ନିଜକୁ, ନିଜ ସନ୍ତାନସନ୍ତତି ଓ ସଂସାରବାସୀଙ୍କୁ ଉଦ୍ଧାର କରିବା ସକାଶେ ଚେଷ୍ଟା କରିବା ଏବଂ ଏକେଶ୍ୱରବାଦକୁ ସ୍ଥାପନ କରିବା ସକାଶେ ଚେଷ୍ଟା କରିବା, ସମଗ୍ର ମାନବଜାତିକୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଧ୍ୱଜା ତଳେ ଏକତ୍ରୀତ କରିବାକୁ ଚେଷ୍ଟା କରିବା ଉଚିତ୍, ସେହିସ୍ଥଳେ ଆମକୁ ନିଜ ଭିତରେ ଏକ ବିଶେଷ ପରିବର୍ତ୍ତନ ଉତ୍ପନ୍ନ କରିବାକୁ ହେବ ଏବଂ ସର୍ବଦା ଦୁଆ କରିବାକୁ ନିଜ ଜୀବନର ଅଂଶ କରି ନେବାକୁ ହେବ । ଫଳତଃ ଆମେ ନିଜକୁ ସୁରକ୍ଷିତ କରିବା ସହିତ ସଂସାରବାସୀଙ୍କୁ ମଧ୍ୟ ସୁରକ୍ଷିତ କରିନେଇ ପାରିବା । କାରଣ ଏହି ଜଗତ ଖୁବ୍ ତୀବ୍ର ବେଗରେ ଧ୍ୱଂସାଭିମୂଖ ଆଡ଼କୁ ଅଗ୍ରସର । ଅଲ୍ଲାଃତାଲା ଇଚ୍ଛା କଲେ ବିଶ୍ୱବାସୀଙ୍କ ସୁଧାର କରିବାର ସଂଶାଧନ ଯୋଗାଇ ଦେବେ । ସେମାନଙ୍କ ହୃଦୟକୁ ଫେରି ଦେବେ ଯଦ୍ଦ୍ୱାରା ସେମାନେ ଏହି ମହାପ୍ରଳୟରୁ ବର୍ତ୍ତି ଯିବେ ଓ ଧ୍ୱଂସ ତ ଆସନ୍ନ ପ୍ରାୟ ତେବେ ଅଲ୍ଲାଃ ବିଶ୍ୱାସକାରୀଙ୍କୁ ସେଥିରୁ ଉଦ୍ଧାର କରିନେବେ । କିନ୍ତୁ ଏଥିପାଇଁ ଜରୁରୀ ଯେ, ଆମେ ନିଜ କର୍ମ ଏପରି କରିନେବା କି ପ୍ରଭୁଙ୍କ କୃପା ଆମ ସହିତ ସର୍ବଦା ସଂଶ୍ଳିଷ୍ଟ ରହିଥିବ । ଅଲ୍ଲାଃତାଲା କରନ୍ତୁ ଆମେମାନେ ଏହାର ପ୍ରକୃତ ଭାବକୁ ହୃଦୟଙ୍ଗମ କରିନେଉ ଯେ, ଆମେ ନିଜ ଉପାସନାର ସ୍ତର କିପରି ଜୀବିତ ରଖିବା, କିପରି ପ୍ରଭୁଙ୍କ ସହିତ ସମ୍ପର୍କ ସ୍ଥାପନ କରିବା, କିପରି ଧର୍ମପରାୟଣ ମାର୍ଗ ଅବଲମ୍ବନ କରିବା, କିପରି ଉତ୍ତମ ଆଚରଣ ପ୍ରଦର୍ଶନ କରିବା । ସଂସାରରେ କିପରି ଏକେଶ୍ୱରବାଦକୁ ସ୍ଥାପନ କରିବା, କିପରି ସଂସାରବାସୀଙ୍କୁ ଏହି ଉତ୍କଟ ପରିସ୍ଥିତିରୁ ରକ୍ଷା କରିବା । ଯେତେବେଳେ ଏହି ସମସ୍ତ ଚିନ୍ତା ଓ ଭାବନା ମନରେ ଉଦ୍ରେକ ହେବ ସେତେବେଳେ ଯାଇ ଆମେ ହଜରତ ମସିହ ମଉଦ[ଅ.ସ] ବୈଅତ୍ କରିବାର କର୍ତ୍ତବ୍ୟ ସମ୍ପାଦନ କରିପାରିବା । ଅଲ୍ଲାଃତାଲା କରନ୍ତୁ କି ଆମେ ବୈଅତ୍‌ର ସଠିକ୍ କର୍ତ୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ । ଏହି ରମଜାନ ଏବଂ ଆସନ୍ତାରେ ଆସିବାକୁ ଥିବା ରମଜାନର ମଧ୍ୟବର୍ତ୍ତୀ ଦିନ ଓ ମାସଗୁଡ଼ିକରେ ଆମେ ଉପାସନାର କର୍ତ୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ । ପ୍ରଭୁଙ୍କ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ । ଅଲ୍ଲାଃତାଲା ଆମମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

* * * * * * * * * * * * * * *

Khulasa Khutba Juma Huzoor Anwar a.b.a

28th March 2025

*Translated to Odia by :* Moulavi Anwar Ahmad Khan